ହବିବୁଲ୍ଲା ଖାନ୍

ବନାମ

ଓଡ଼ିଶା  ରାଜ୍ୟ ଏବଂ ଅନ୍ୟଜଣେ

ଫେବୃଆରୀ 2, 1995

[ପି. ବି. ସାୱନ୍ତ ଏବଂ ଜି. ଏନ୍. ରାୟ, ନ୍ୟାୟମୂର୍ତ୍ତିଦ୍ୱୟ ।]

*ଓଡ଼ିଶା ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ, 1990- ଧାରା 5 ଦୁର୍ନୀତି ନିବାରଣ ଅଧିନିୟମ, 1988- ଧାରା 13(1)(e) ଏବଂ 19 - ଅପରାଧିକ ଅସଦାଚରଣର ଅପରାଧ- ଏମଏଲଏ ଙ୍କ ବିରୋଧରେ ମକଦ୍ଦମା- ରାଜ୍ୟପାଳ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ- ଧାରା 19 ର ବ୍ୟବସ୍ଥା ଅଣପ୍ରୟୋଗନୀୟ  - ଆବେଦନକାରୀଙ୍କ ମନ୍ତ୍ରୀ ଭାବେ କାର୍ଯ୍ୟକାଳ ସମୟରେ ଅପରାଧ ସଂଘଟିତ- ସେ ଏମଏଲଏ ଭାବେ କାର୍ଯ୍ୟରତ ଥିଲେ- ସେ ଆଉ ମନ୍ତ୍ରୀ ନଥିବା ସମୟରେ କରିଥିବା ଅପରାଧ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ କି ନାହିଁ- କୁହାଗଲା, ନା' ।*

ଆବେଦନକାରୀମାନେ ଓଡ଼ିଶା ରାଜ୍ୟର ମନ୍ତ୍ରୀ ପରିଷଦରେ ମନ୍ତ୍ରୀ ଥିଲେ, ଯେଉଁ ସମୟରେ ସେମାନଙ୍କ ଆୟର ଜ୍ଞାତ ଉତ୍ସ ତୁଳନାରେ ସେମାନଙ୍କ ପାଖରେ ଅସମ ଆର୍ଥିକ ସାଧନ କିମ୍ବା ସମ୍ପତ୍ତି ଥିବା ଆରୋପିତ ହୋଇଥିଲା । ପରବର୍ତ୍ତୀ ସମୟରେ, ସରକାର ପରିବର୍ତ୍ତନ ହେତୁ ସେମାନେ ଆଉ ମନ୍ତ୍ରୀ ହୋଇ ରହିନଥିଲେ ଏବଂ ତା'ପରେ ରାଜ୍ୟର ବିଧାନସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ । ଦୁର୍ନୀତି ନିବାରଣ ଅଧିନିୟମ 13 (1)(e) ଅନୁଯାୟୀ ଅପରାଧିକ ଅସଦାଚରଣ ଅପରାଧ ପାଇଁ ସେମାନଙ୍କ ବିରୋଧରେ ମକଦ୍ଦମା ଆରମ୍ଭ ହେବା ପର୍ଯ୍ୟନ୍ତ ସେମାନେ ଏହିପରି ସଦସ୍ୟ ହୋଇ ରହିଥିଲେ ।

ଆବେଦନକାରୀ ସ୍ୱତନ୍ତ୍ର ନ୍ୟାୟାଳୟରେ ଅପରାଧର ସଂଜ୍ଞାନର ଆଦେଶଗୁଡ଼ିକୁ ଏହି ଆଧାରରେ ରଦ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ ଯେ ସଂଜ୍ଞାନ ନିଆଯିବା ସମୟରେ ସେ ଜଣେ ଏମ.ଏଲ.ଏ. ଥିଲେ ଏବଂ ଅଧିନିୟମର ଧାରା 2(c)(viii) ର ଅର୍ଥ ଅନୁସାରେ ଯେହେତୁ ସେ ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ତେଣୁକରି, ତାଙ୍କ ମତରେ ଅଧିନିୟମର ଧାରା 19 ଅଧୀନରେ ରାଜ୍ୟର ରାଜ୍ୟପାଳ, ଯିଏ କି ଜଣେ ଏମ.ଏଲ.ଏ ଙ୍କୁ ଅପସାରଣ କରିବାକୁ ସମର୍ଥ ଥିଲେ, ତାଙ୍କ ମଞ୍ଜୁରୀ ବିନା ଅଧିନିୟମର ଧାରା 13(1)(e) ଅଧୀନରେ  ଅପରାଧ ପାଇଁ ତାଙ୍କର ବିଚାରଣ କରାଯାଇପାରିବ ନାହିଁ । ସ୍ୱତନ୍ତ୍ର ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରି କହିଛନ୍ତି ଯେ ଜଣେ ଏମ.ଏଲ.ଏ. ଜଣେ ସରକାରୀ କର୍ମଚାରୀ ନଥିଲେ ଏବଂ ରାଜ୍ୟପାଳ ଜଣେ ଏମ.ଏଲ.ଏ. ଙ୍କୁ ହଟାଇବାକୁ ସମର୍ଥ ନଥିଲେ । ଆବେଦନକାରୀଙ୍କ ଦ୍ୱାରା ଏହି ଆଦେଶକୁ ଆହ୍ୱାନ କରାଯାଇଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଏହି ମାମଲା ଖାରଜ କରାଯାଇ କୁହାଗଲା ଯେ ଜଣେ ଏମ.ଏଲ.ଏ. ଅଧିନିୟମର ଧାରା 2(c)(vii) ର ଅର୍ଥ ଅନୁସାରେ ଜଣେ ସରକାରୀ କର୍ମଚାରୀ, କିନ୍ତୁ ସମ୍ବିଧାନର ଧାରା 192 ଅଧୀନରେ ଜଣେ ଏମ.ଏଲ.ଏ. ଙ୍କୁ ଦଣ୍ଡସ୍ୱରୂପ 'ଅପସାରଣ' କରିବାକୁ କୌଣସି କ୍ଷମତା ରାଜ୍ୟପାଳଙ୍କର ନଥିଲା । ଏହା କୁହାଯାଇଥିଲା ଯେ ଯେହେତୁ ଜଣେ ଏମ.ଏଲ.ଏ. ଙ୍କୁ ହଟାଇବା ପାଇଁ ରାଜ୍ୟପାଳ ପ୍ରାଧିକାରୀ ନଥିଲେ, ତେଣୁ ଅଧିନିୟମ 19 ଅନୁଯାୟୀ ମଞ୍ଜୁରୀ ଆବଶ୍ୟକ ନଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ରାୟ ବିରୋଧରେ ଏହି ଆବେଦନଗୁଡ଼ିକ ଦାଖଲ କରାଯାଇଥିଲା ।

ବିଚାରଣ ପାଇଁ ଉଠାଯାଇଥିବା ବିଧିଗତ ପ୍ରଶ୍ନଟି ଥିଲା ଯେ ଆବେଦନକାରୀମାନଙ୍କ ବିରୋଧରେ ଅପରାଧିକ ମକଦ୍ଦମା ଆରମ୍ଭ କରିବା ନିମନ୍ତେ ମଞ୍ଜୁରୀର ଆବଶ୍ୟକତା ଥିଲା କି ନାହିଁ ଏବଂ ଆଉ ମନ୍ତ୍ରୀ ଭାବେ ସ୍ଥିତ ନଥିବା ସମୟରେ ଆବେଦନକାରୀମାନଙ୍କ ବିରୋଧରେ ଆରୋପିତ ଅପରାଧ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ କି ଯାହା ସେମାନେ ମନ୍ତ୍ରୀ ଭାବେ କାର୍ଯ୍ୟରତ ସମୟରେ ସଂଘଟିତ କରିଥିଲେ ।

ଆବେଦନଗୁଡ଼ିକୁ ଖାରଜ କରି, ଏହି ନ୍ୟାୟାଳୟ

କହିଲେ: 1.1 ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଅଧୀନରେ ପ୍ରସ୍ତୁତ ନିୟମାବଳୀର ନିୟମ 2 (1)(f)(i) ସହ ପଠନୀୟ ସେହି ଅଧିନିୟମର ଧାରା 5(1) ର ଅର୍ଥ ଅନୁସାରେ ଆବେଦନକାରୀମାନଙ୍କ ବିରୋଧରେ ଅପରାଧିକ ଅସଦାଚରଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଥିଲା, ଯାହା ସେମାନେ ଉଚ୍ଚ ରାଜନୈତିକ ପଦବୀରେ ଥିବା ସମୟରେ ଘଟାଇଥିଲେ ବୋଲି ଆରୋପିତ ହୋଇଥିଲେ । ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଦୁର୍ନୀତି ନିବାରଣ ଆଇନର ଧାରା 13(1)(e) ରେ ଦିଆଯାଇଥିବା "ଅପରାଧିକ ଅସଦାଚରଣ" ର ପରିଭାଷାକୁ ଅନ୍ତର୍ଭୁକ୍ତ କରେ । ତେବେ ସେ ଯାହା ହେଉ, ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ସେ'ପରି ଅନୁସରଣ କରାଯିବ ଯେ'ପରି ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଅଧୀନରେ ନିର୍ଦ୍ଧାରିତ ହୋଇଛି । ଉଚ୍ଚ ରାଜନୈତିକ ପଦବୀରେ ଥିବା ବ୍ୟକ୍ତିଙ୍କ ବିରୋଧରେ ଫୌଜଦାରୀ ମକଦ୍ଦମା ଆରମ୍ଭ କରିବା ପାଇଁ ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ କେବଳ ଏତିକି ଆବଶ୍ୟକ କରେ ଯେ ରାଜ୍ୟ ସରକାର ସେହି ଅଧିନିୟମର ଧାରା 5(1) ଅଧୀନରେ ଉଦଘୋଷିତ କରିବାର ଥିଲା ଯେ ରାଜ୍ୟରେ ଉଚ୍ଚ ସରକାରୀ କିମ୍ବା ରାଜନୈତିକ ପଦରେ ଅଧିଷ୍ଠିତ ଜନୈକ ବ୍ୟକ୍ତିଙ୍କ ଦ୍ୱାରା ଅପରାଧ ସଂଘଟିତ ହୋଇଥିବାର ପ୍ରଥମ ଦୃଷ୍ଟିଗତ ପ୍ରମାଣ ଥିଲା । ତେଣୁ ବର୍ତ୍ତମାନର ମାମଲାରେ ଉକ୍ତ ଅଧିନିୟମର ଧାରା 19 ର ପ୍ରୟୋଗ ହେଉନାହିଁ । ତେଣୁ ଏ'ପରି ସ୍ଥଳେ, ପ୍ରଶ୍ନଗତ ଅପରାଧିକ ମକଦ୍ଦମା ଆରମ୍ଭ କରିବା ପାଇଁ ରାଜ୍ୟପାଳ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ମଞ୍ଜୁରୀର ଆବଶ୍ୟକତା ନଥିଲା । ଆବେଦନକାରୀମାନେ ମନ୍ତ୍ରୀ ପରିଷଦର ସଦସ୍ୟ ଭାବରେ କାର୍ଯ୍ୟରତ ସମୟରେ ଅସଦାଚରଣ ଆରୋପରେ ଆରୋପିତ ହୋଇଥିଲେ ଏବଂ ଏମଏଲଏ ଭାବରେ କ୍ଷମତାପନ୍ନ ଥିବା ସମୟରେ ନୁହେଁ, ଯେଉଁଥିପାଇଁ ସେମାନଙ୍କୁ ବିଚାରଭୁକ୍ତ କରାଯାଇଥିଲା । ତେଣୁ ଧାରା 19 ର ବ୍ୟବସ୍ଥା ବର୍ତ୍ତମାନର ମାମଲାର ତଥ୍ୟାବଳୀ ପାଇଁ ପ୍ରଯୁଜ୍ୟ ନଥିଲା ।

1.2 କେବଳ ସେହି ସମର୍ଥ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ଯାହା ସରକାରୀ କର୍ମଚାରୀଙ୍କୁ ସେହି ପଦରୁ ହଟାଇବା ପାଇଁ ସମର୍ଥ ଅଟେ ଯେଉଁ ପଦର ଦୁରୁପଯୋଗ କିମ୍ବା ଅପବ୍ୟବହାର ସେ ଦୁର୍ନୀତି ଉଦ୍ଦେଶ୍ୟରେ କରିଥିଲେ ବୋଲି ଆରୋପିତ ହୋଇଛନ୍ତି ଏବଂ ଏଥିପାଇଁ ତାଙ୍କ ବିରୋଧରେ ଏକ କାର୍ଯ୍ୟାନୁଷ୍ଠାନ ଉଦ୍ଦେଶ୍ୟମୂଳକ ଭାବେ ଆରମ୍ଭ କରାଯିବ ।

ଏକ ନ୍ୟାୟାଳୟକୁ ସଂଜ୍ଞାନ ଗ୍ରହଣ କରିବାକୁ କୁହାଯିବା ସମୟରେ, କେବଳ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅପରାଧ ସଂଘଟିତ ହୋଇଥିବ ତାହା ନୁହେଁ, ବରଂ ଅଭିଯୁକ୍ତ ବ୍ୟକ୍ତିଜଣକ ନିହାତି ଜଣେ ସରକାରୀ କର୍ମଚାରୀ ହୋଇଥିବା ଆବଶ୍ୟକ ଯାହାଙ୍କୁ ତାଙ୍କ ପଦରୁ ଏକ ସମର୍ଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ହଟା ଯାଇପାରିବ ।

*ଆର୍. ଏସ୍. ନାୟକ ବନାମ ଏ. ଆର୍. ଅନ୍ତୁଲେ,* [1984] 2 ଏସ୍. ସି. ଆର୍. 495; *ଏସ୍. ଏ. ଭେଙ୍କଟରମଣ ବନାମ ରାଜ୍ୟ,* [1958] ଏସ ସି ଆର 1040 ଏବଂ *ବୀରସ୍ୱାମୀ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1991] 3 ଏସି ସି 655, ଉପରେ ନିର୍ଭର କରାଯାଇଥିଲା ।

ଅପରାଧିକ ଆବେଦନ ଅଧିକାରିତା: ଫୌଜଦାରୀ ଆବେଦନ ସଂଖ୍ୟା 212/ 1995 ଇତ୍ୟାଦି ଇତ୍ୟାଦି

ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଫୌଜଦାରୀ ବିବିଧ ମାମଲା ସଂଖ୍ୟା 1253/1991 ରେ ପ୍ରଦତ୍ତ ତା 5.5.93 ରିଖ ରାୟ ତଥା ଆଦେଶରୁ ।

ଆବେଦନକାରୀଙ୍କ ତରଫରୁ ରାଜୁ ରାମଚନ୍ଦ୍ରନ, ପୁଙ୍କଟ, କୈଳାସ ବାସଦେବ ଏବଂ ବିନୋଦ ଭଗତ ।

ଉତ୍ତରଦାତାମାନଙ୍କ ତରଫରୁ ପି. ପି. ରାଓ ଏବଂ ଏନ୍. ଏସ୍. ହେଗଡେ, ଆର୍. କେ. ମେହେଚ୍ଚା ।

ନ୍ୟାୟାଳୟର ରାୟ ପ୍ରଦାନ କରିଥିଲେ,

**ସାୱନ୍ତ, ନ୍ୟାୟମୂର୍ତ୍ତି** । ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନଗୁଡ଼ିକରେ ଏକ ସାଧାରଣ ବିଧିଗତ ପ୍ରଶ୍ନ ଉଠାଯାଇଛି, ଯଥା ଆବେଦନକାରୀମାନଙ୍କ ବିରୋଧରେ ଅପରାଧିକ ମକଦ୍ଦମା ଆରମ୍ଭ କରିବା ନିମନ୍ତେ ମଞ୍ଜୁରୀ ଆବଶ୍ୟକ କି ନୁହେଁ ।

2. ଓଡ଼ିଶା ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ, 1990 (ଏହାପରେ "ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ" ଭାବରେ ସୂଚିତ), ଯାହା ରାଷ୍ଟ୍ରପତିଙ୍କ ସମ୍ମତି ପାଇବା ପରେ ଜୁଲାଇ 27, 1992 ରେ କାର୍ଯ୍ୟକାରୀ ହୋଇଥିଲା, ନିର୍ଦ୍ଦିଷ୍ଟ ଶ୍ରେଣୀର ଅପରାଧର ତ୍ୱରାନ୍ୱିତ ବିଚାର ଏବଂ ଏହିପରି ଅପରାଧରେ ସମ୍ପୃକ୍ତ ସମ୍ପତ୍ତିର ବାଜ୍ୟାପ୍ତି ପାଇଁ ସ୍ୱତନ୍ତ୍ର ନ୍ୟାୟାଳୟ ଗଠନର ବ୍ୟବସ୍ଥା ପ୍ରଦାନ କରେ । ଉକ୍ତ ଅଧିନିୟମର ଧାରା 2(d) "ଅପରାଧ" କୁ ଦୁର୍ନୀତି ନିବାରଣ ଅଧିନିୟମ, 1988 (ଏହା ପରେ "ଅଧିନିୟମ" ଭାବରେ ସୂଚିତ) ର ଧାରା 13 ର ଉପଧାରା (1) ର ଖଣ୍ଡ (e) ର ଅର୍ଥ ଅନୁସାରେ ଅପରାଧିକ ଅସଦାଚରଣର ଅପରାଧ ଭାବରେ ପରିଭାଷିତ କରେ । 1993 ର ସଂଶୋଧନ ଦ୍ୱାରା ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମର ଧାରା 5(1) ଯେପରି ସଂଶୋଧିତ ତାହା ନିମ୍ନରେ ଦିଆଗଲା:

> "5(1). ଯଦି ରାଜ୍ୟ ସରକାର ମତ ଦିଅନ୍ତି ଯେ ଓଡ଼ିଶା ରାଜ୍ୟରେ ଉଚ୍ଚ ସରକାରୀ କିମ୍ବା ରାଜନୈତିକ ପଦରେ ଥିବା ଆରୋପିତ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏକ ଅପରାଧ ସଂଘଟିତ ହେବାର ପ୍ରଥମ ଦୃଷ୍ଟିଗତ ପ୍ରମାଣ ରହିଛି, ତେବେ ରାଜ୍ୟ ସରକାର ସେହି ମର୍ମରେ ପ୍ରତ୍ୟେକ ମାମଲାରେ ଏକ ଘୋଷଣା କରିବେ, ଯେଉଁଥିରେ ଏହା ଉପରୋକ୍ତ ମତ ଦେଇଛନ୍ତି ।"

ଓଡ଼ିଶା ସ୍ୱତନ୍ତ୍ର ନ୍ୟାୟାଳୟ ନିୟମାବଳୀର (f)(i) ର ନିୟମ 2(1) (ଏହା ପରେ "ନିୟମାବଳୀ" ଭାବରେ ସୂଚିତ) ନିମ୍ନଲିଖିତାକାରେ ପଠନୀୟ:

"2(1)(f) । "ଉଚ୍ଚ ରାଜନୈତିକ ପଦ ଧାରଣ କରିଥିବା ବ୍ୟକ୍ତି" ଅନ୍ତର୍ଭୁକ୍ତ କରେ-

(i) ମନ୍ତ୍ରୀ ପରିଷଦର ସଦସ୍ୟଗଣ ତଥା ମୁଖ୍ୟମନ୍ତ୍ରୀ ।"

3. ଅଧିନିୟମର ଧାରା 13 ର ଉପଧାରା (1) ର ଖଣ୍ଡ (e) "ଅପରାଧିକ ଅସଦାଚରଣର ଅପରାଧ" କୁ ନିମ୍ନମତେ ପରିଭାଷିତ କରେ:

"13. ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅପରାଧିକ ଅସଦାଚରଣ । (1) ଜଣେ ସରକାରୀ କର୍ମଚାରୀ ଅପରାଧିକ ଅସଦାଚରଣର ଅପରାଧ ଘଟାଇଛନ୍ତି ବୋଲି କୁହାଯିବ –

XXXX XXXX XXXX

(e) ଯଦି ସରକାରୀ କର୍ମଚାରୀ ଜଣକ ତାଙ୍କ ପଦରେ ଥିବା ଅବଧି ମଧ୍ୟରେ, ସେ କିମ୍ବା ତାଙ୍କ ତରଫରୁ ଅନ୍ୟ କୌଣସି ବ୍ୟକ୍ତି, କୌଣସି ସମୟରେ ଦଖଲରେ ଥିବା କିମ୍ବା ଏକଦା ଦଖଲରେ ରହିଥିବା ତାଙ୍କ ଜ୍ଞାତ ଆୟର ଉତ୍ସ ସହିତ ଅସମ ହେଉଥିବା ତାଙ୍କର ଆର୍ଥିକ ସାଧନ କିମ୍ବା ସମ୍ପତ୍ତିର ସନ୍ତୋଷଜନକ ହିସାବ ଦେଇପାରିବେ ନାହିଁ ।

ବ୍ୟାଖ୍ୟା- ଏହି ଧାରାର ଉଦ୍ଦେଶ୍ୟପୂର୍ତ୍ତି ପାଇଁ, "ଜ୍ଞାତ ଆୟର ଉତ୍ସ" ଅର୍ଥ କୌଣସି ବିଧି ସମ୍ମତ ଉତ୍ସରୁ ପ୍ରାପ୍ତ ଆୟ ଏବଂ ଏ'ପରି ପ୍ରାପ୍ୟ ଜଣେ ସରକାରୀ କର୍ମଚାରୀଙ୍କ ପାଇଁ ବର୍ତ୍ତମାନ ପ୍ରଯୁଜ୍ୟ କୌଣସି ଆଇନ, ନିୟମାବଳୀ କିମ୍ବା ଆଦେଶର ବ୍ୟବସ୍ଥା ଅନୁଯାୟୀ ଅଟେ ବୋଲି ଅବଗତ କରାଯାଇଛି ।"

ଏହା ବିବାଦୀୟ ନୁହେଁ ଯେ ସମସ୍ତ ଆବେଦନକାରୀ ଉକ୍ତ ସମୟ ଅବଧିରେ ଉତ୍ତରଦାତା-ଓଡ଼ିଶା ରାଜ୍ୟର ମନ୍ତ୍ରୀ ପରିଷଦରେ ମନ୍ତ୍ରୀ ଥିଲେ ଯେଉଁ ସମୟରେ ସେମାନେ ସେମାନଙ୍କର ଆୟର ଜ୍ଞାତ ଉତ୍ସ ସହ ଅସମ ହେଉଥିବା ଆର୍ଥିକ ସାଧନ କିମ୍ବା ସମ୍ପତ୍ତି ରଖିଥିବାର ଆରୋପରେ ଆରୋପିତ ହୋଇଥିଲେ । ପରବର୍ତ୍ତୀ କାଳରେ, ସରକାର ପରିବର୍ତ୍ତନ ହେତୁ ସେମାନେ ଆଉ ମନ୍ତ୍ରୀ ହୋଇ ରହିଲେ ନାହିଁ ଏବଂ ତା'ପରେ ରାଜ୍ୟର ବିଧାନସଭା ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ (ସଂକ୍ଷେପରେ "ଏମଏଲଏ") । ଅଧିନିୟମର ଧାରା 13(1)(e) ଅଧୀନରେ ଉକ୍ତ ଅପରାଧିକ ଅସଦାଚରଣ ପାଇଁ ସେମାନଙ୍କ ବିରୋଧରେ ମକଦ୍ଦମା ଆରମ୍ଭ ହେବା ପର୍ଯ୍ୟନ୍ତ ସେମାନେ ସଦସ୍ୟରୂପେ ଏହିପରି କାର୍ଯ୍ୟରତ ଥିଲେ ।

4. ଏସଏଲପି ସଂଖ୍ୟା 1563/1993 ରୁ ଉତ୍ପିତ ଆବେଦନରେ ଆବେଦନକାରୀ ଶ୍ରୀ ହବିବୁଲ୍ଲା ଖାନ 25 ଜୁଲାଇ, 1991 ରେ ସ୍ୱତନ୍ତ୍ର ନ୍ୟାୟାଳୟରେ ଅପରାଧର ସଂଜ୍ଞାନର ଆଦେଶଗୁଡ଼ିକୁ ଏହି ଆଧାରରେ ରଦ୍ଦ କରିବା ପାଇଁ ଏକ ଆବେଦନ ଦାଖଲ କରିଥିଲେ, ଯେ ସଂଜ୍ଞାନ ନିଆଯିବା ସମୟରେ ସେ ଜଣେ ଏମ.ଏଲ.ଏ. ଥିଲେ ଏବଂ ଅଧିନିୟମର ଧାରା 2(c)(viii) ର ଅର୍ଥ ଅନୁସାରେ ଯେହେତୁ ସେ ଜଣେ ସରକାରୀ କର୍ମଚାରୀ ଥିଲେ ଏବଂ ତେଣୁକରି, ତାଙ୍କ ମତରେ ଅଧିନିୟମର ଧାରା 19 ଅଧୀନରେ, ରାଜ୍ୟର ରାଜ୍ୟପାଳ ଯିଏ କି ସମ୍ବିଧାନର ଅନୁଚ୍ଛେଦ 192 ଅଧୀନରେ ଜଣେ ଏମ.ଏଲ.ଏ. ଙ୍କୁ ଅପସାରଣ କରିବାକୁ ସମର୍ଥ ଥିଲେ, ତାଙ୍କ ମଞ୍ଜୁରୀ ବିନା ଅଧିନିୟମର ଧାରା 13(1)(e) ଅଧୀନରେ ଅପରାଧ ପାଇଁ ତାଙ୍କର ବିଚାରଣ କରାଯାଇପାରିବ ନାହିଁ । 18 ଜାନୁଆରୀ, 1991 ରେ, ସ୍ୱତନ୍ତ୍ର ନ୍ୟାୟାଳୟ ଏହି ଆବେଦନକୁ ଖାରଜ କରି କହିଥିଲେ ଯେ ଜଣେ ଏମ.ଏଲ.ଏ. ଜଣେ ସରକାରୀ କର୍ମଚାରୀ ନଥିଲେ ଏବଂ ରାଜ୍ୟପାଳ ଜଣେ ଏମ.ଏଲ.ଏ. ଙ୍କୁ ଅପସାରଣ କରିବାକୁ ସମର୍ଥ ନଥିଲେ ଏବଂ ତେଣୁ ଉକ୍ତ ବ୍ୟବସ୍ଥା ଅଧୀନରେ କୌଣସି ମଞ୍ଜୁରୀର ଆବଶ୍ୟକତା ନଥିଲା । ଆବେଦନକାରୀଙ୍କ ଦ୍ୱାରା 22 ଜାନୁଆରୀ, 1993 ରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା 482 ଅଧୀନରେ ଉଚ୍ଚ ନ୍ୟାୟାଳୟରେ ଏହି ଆଦେଶକୁ ଆପତ୍ତି କରାଯାଇଥିଲା । ଉଚ୍ଚ ନ୍ୟାୟାଳୟର ବିଞ୍ଚ ଏକକ ନ୍ୟାୟଧିଶ ଏହି ମାମଲାକୁ ଦୁଇଜଣିଆ ଖଣ୍ଡପୀଠକୁ ପଠାଇଥିଲେ, ଯିଏକି ତା 5 ମେ, 1993 ରିଖର ଆକ୍ଷେପିତ ରାୟ ଦ୍ୱାରା ଏହି ମାମଲାକୁ ଏହା କହି ଖାରଜ କରିଥିଲେ ଯେ ଜଣେ ଏମ.ଏଲ.ଏ. ଅଧିନିୟମର ଧାରା 2(c)(viii) ର ଅର୍ଥ ଅନୁସାରେ ଜଣେ ସରକାରୀ କର୍ମଚାରୀ ଅଟନ୍ତି; କିନ୍ତୁ ଅଧିନିୟମର ଧାରା 19 ରେ ଉଲ୍ଲିଖିତ "ଅପସାରଣ" ର କ୍ଷମତା ଦଣ୍ଡର ଚରିତ୍ରକୁ ଅଂଶୀଦାର କରେ ଏବଂ ସମ୍ବିଧାନର ଅନୁଚ୍ଛେଦ 192 ଅଧୀନରେ ଜଣେ ଏମ.ଏଲ.ଏ. ଙ୍କୁ ଦଣ୍ଡସ୍ୱରୂପ ଅପସାରଣ କରିବାର କୌଣସି କ୍ଷମତା ରାଜ୍ୟପାଳଙ୍କର ନାହିଁ । ଅଧିନିୟମର ଧାରା 19 ରେ ବ୍ୟବହୃତ "ଅପସାରଣ" ଏବଂ ସମ୍ବିଧାନର ଅନୁଚ୍ଛେଦ 192 ରେ ବ୍ୟବହୃତ "ଅଯୋଗ୍ୟତା" ଧାରଣା ମଧ୍ୟରେ ପାର୍ଥକ୍ୟ ଥିଲା । ଯେହେତୁ ଜଣେ ଏମ.ଏଲ.ଏ. ଙ୍କୁ ହଟାଇବାକୁ ରାଜ୍ୟପାଳ ପ୍ରାଧିକାରୀ ନଥିଲେ, ତେଣୁ ଅଧିନିୟମର ଧାରା 19 ଅଧୀନରେ ମଞ୍ଜୁରୀର ଆବଶ୍ୟକତା ନଥିଲା ।

ଆବେଦନକାରୀ, ନାଗାର୍ଜୁନ ପ୍ରଧାନ ଏସଏଲପି ସଂଖ୍ୟା 2261/1994 ରୁ ଉତ୍ଥିତ ଆବେଦନରେ 17 ଅଗଷ୍ଟ, 1993 ରେ ଅନୁରୂପ ନିବେଦନ ଉତ୍ଥାପିତ କରିଥିଲେ, କିନ୍ତୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବାର ଦୀର୍ଘ ସମୟ ପରେ ଏବଂ 31 ମକଦ୍ଦମା ସାକ୍ଷୀମାନଙ୍କୁ ପରୀକ୍ଷା କରାଯାଇଥିଲା ପରେ କରିଥିଲେ ।

ସେହିପରି, ଆବେଦନକାରୀ, ରାମଚନ୍ଦ୍ର ଉଲକା ଏସଏଲପି ସଂଖ୍ୟା 2259-60/1994 ରୁ ଉତ୍ଥିତ ଆବେଦନଗୁଡ଼ିକରେ ତାଙ୍କ ବିରୋଧରେ ଆରମ୍ଭ ହୋଇଥିବା ଦୁଇଟି ମକଦ୍ଦମାରେ, ସେହି ମାମଲାଗୁଡ଼ିକରେ ଯଥାକ୍ରମେ 16 ଏବଂ 18 ଜଣ ମକଦ୍ଦମା ସାକ୍ଷୀମାନଙ୍କୁ ପରୀକ୍ଷା କରାଯିବାପରେ, ବିଳମ୍ବରେ ଅନୁରୂପ ନିବେଦନ ଉତ୍ଥାପିତ କରିଥିଲେ ।

5. ଆବେଦନକାରୀଙ୍କ ବିରୋଧରେ ଅପରାଧିକ ଅସଦାଚରଣ ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ଯାହା ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଅଧୀନରେ ପ୍ରସ୍ତୁତ ନିୟମାବଳୀର ନିୟମ 2(1)(f(i) ସହିତ ପଠନୀୟ ଉକ୍ତ ଅଧିନିୟମର ଧାରା 5(1) ର ଅର୍ଥ ମଧ୍ୟରେ ସେମାନେ ଉଚ୍ଚ ରାଜନୈତିକ ପଦବୀରେ ଥିବା ସମୟରେ ଘଟାଇଥିଲେ ବୋଲି ଆରୋପିତ ହୋଇଛି। ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ, ଉକ୍ତ ଅଧିନିୟମର ଧାରା 13(1)(e) ରେ ଦିଆଯାଇଥିବା "ଅପରାଧିକ ଅସଦାଚରଣ" ର ପରିଭାଷାକୁ ଅନ୍ତର୍ଭୁକ୍ତ କରେ । ତେବେ ସେ ଯାହା ହେଉ, କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଅଧୀନରେ ଯେ'ପରି ନିର୍ଦ୍ଧାରିତ ହୋଇଛି ସେ'ପରି ଅନୁସରଣ କରାଯିବ । ଉଚ୍ଚ ରାଜନୈତିକ ପଦସ୍ଥ ବ୍ୟକ୍ତିଙ୍କ ବିରୋଧରେ ଅପରାଧିକ ମକଦ୍ଦମା ଆରମ୍ଭ କରିବା ପାଇଁ ସ୍ୱତନ୍ତ୍ର ନ୍ୟାୟାଳୟ ଅଧିନିୟମ ଯାହା ଆବଶ୍ୟକ କରେ ତାହା ଏହା ଯେ ରାଜ୍ୟ ସରକାର ଏହାର ଧାରା 5 (1) ଅଧୀନରେ ରାଜ୍ୟରେ ସରକାରୀ କିମ୍ବା ରାଜନୈତିକ ପଦବୀରେ ଥିବା ଜଣେ ବ୍ୟକ୍ତିଙ୍କ ଦ୍ୱାରା ଅପରାଧ ସଂଘଟିତ ହେବାର ପ୍ରଥମ ଦୃଷ୍ଟିଗତ ପ୍ରମାଣ ଥିବା ନିର୍ଣ୍ଣୟ ନେବା ଉଚିତ୍ । ତେଣୁ ଏହି ଅଧିନିୟମର ଧାରା 19 ର ବ୍ୟବସ୍ଥାଗୁଡ଼ିକ ବର୍ତ୍ତମାନର ମାମଲାର ପ୍ରୟୋଗରେ ଆସିନାହିଁ । ତେଣୁ, ସମ୍ପୃକ୍ତ ଅପରାଧିକ ମକଦ୍ଦମା ଆରମ୍ଭ କରିବା ପାଇଁ ରାଜ୍ୟପାଳ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ମଞ୍ଜୁରୀର ଆବଶ୍ୟକତା ନାହିଁ ।

6. ତେବେ ସେ ଯାହା ହେଉ, ଯଦି ଧରି ନିଆଯାଏ ଯେ ଫୌଜଦାରୀ ମକଦ୍ଦମା ଆରମ୍ଭ କରିବା ପୂର୍ବରୁ ଯେଉଁ ପ୍ରକ୍ରିୟା ଅନୁସରଣ କରିବାକୁ ହେବ ତାହା ଏହି ଅଧିନିୟମ ଅଧୀନରେ ହେବ, ସ୍ୱୀକାର କରାଯାଇଥିବା ତଥ୍ୟ ହେଉଛି ଯେ ଆବେଦନକାରୀମାନେ ଏମଏଲଏ ଭାବରେ ନୁହେଁ, ମନ୍ତ୍ରୀ ପରିଷଦର ସଦସ୍ୟ ଭାବରେ ସେମାନଙ୍କ କାର୍ଯ୍ୟକାଳ ସମୟରେ ସେମାନଙ୍କ ଦ୍ୱାରା କରାଯାଇଥିବା ଅସଦାଚରଣ ପାଇଁ ଆରୋପିତ ହୋଇ ବିଚାରଭୁକ୍ତ ହେଉଛନ୍ତି ବୋଲି ତଥ୍ୟଟି ସ୍ୱୀକାର କରାଯାଇଛି । ତେଣୁ *ଆର୍. ଏସ୍. ନାୟକ ବନାମ ଏ. ଆର୍. ଅନ୍ତୁଲେ,* [1984] 2 ଏସ ସି ଆର 495 ରେ କୁହାଯାଇଥିବା ପରି ଏହି ଅଧିନିୟମର ଧାରା 19 ର ବ୍ୟବସ୍ଥାଗୁଡ଼ିକ ବର୍ତ୍ତମାନର ମାମଲାର ତଥ୍ୟାବଳୀ ପ୍ରତି ପ୍ରଯୁଜ୍ୟ ନୁହେଁ ।

ଦ୍ୱିତୀୟ ପ୍ରଶ୍ନଟି ହେଉଛି, ଆବେଦନକାରୀମାନେ ମନ୍ତ୍ରୀ ଭାବେ କାର୍ଯ୍ୟକାଳ ଶେଷ କରିବା ପରେ ମନ୍ତ୍ରୀ ଭାବେ କାର୍ଯ୍ୟରତ ସମୟରେ ଯେଉଁ ଅପରାଧ ସଂଗଠନ ପାଇଁ ଆରୋପିତ ସେଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ କି? ଏହି ନ୍ୟାୟାଳୟର ଦୁଇଟି ନିଷ୍ପତ୍ତି ଦ୍ୱାରା ଏହି ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯାଇଛି । *ଏସ୍. ଏ. ଭେଙ୍କଟରମଣ ବନାମ ରାଜ୍ୟ,* [1958] ଏସ ସି ଆର 1040 ରେ, ବର୍ତ୍ତମାନର ଅଧିନିୟମର ପୂର୍ବବର୍ତ୍ତୀ ଅଧିନିୟମର ଧାରା 6 ର ଅନୁରୂପ ବ୍ୟବସ୍ଥାର ଅର୍ଥ ବ୍ୟାଖ୍ୟା କରି ଏହା କୁହାଯାଇଛି, ଯାହା ବର୍ତ୍ତମାନର ଅଧିନିୟମର ଧାରା 19 ର ବ୍ୟବସ୍ଥାର ଅନୁରୂପ ଥିଲା, ଯେ ଉକ୍ତ ମାମଲାରେ ଆବେଦନକାରୀଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ କୌଣସି ମଞ୍ଜୁରୀର ଆବଶ୍ୟକତା ନଥିଲା, କାରଣ ଅପରାଧର ସଂଜ୍ଞାନ ନେବା ସମୟରେ ସେ ଜଣେ ସରକାରୀ କର୍ମଚାରୀ ନଥିଲେ । ସେଠାରେ ନ୍ୟାୟାଳୟ ନିମ୍ନମତେ ମତବ୍ୟକ୍ତ କରିଥିଲେ:

"ଏକ ବିଧାନର ବ୍ୟବସ୍ଥାଗୁଡ଼ିକର ଅର୍ଥ ବ୍ୟାଖ୍ୟା କରିବାରେ, ଏକ ନ୍ୟାୟାଳୟ ପାଇଁ, ପ୍ରଥମତଃ, ସେଥିରେ ବ୍ୟବହୃତ ଶବ୍ଦର ସ୍ୱାଭାବିକ ଅର୍ଥକୁ କାର୍ଯ୍ୟକାରୀ କରିବା ଆବଶ୍ୟକ, ଯଦି ସେହି ଶବ୍ଦଗୁଡ଼ିକ ଯଥେଷ୍ଟ ସ୍ପଷ୍ଟ ଅଟନ୍ତି । କେବଳ କୌଣସି ଅସ୍ପଷ୍ଟତା କ୍ଷେତ୍ରରେ ହିଁ ଏକ ନ୍ୟାୟାଳୟ ଏକ ବିଧାନମଣ୍ଡଳର ଉଦ୍ଦେଶ୍ୟ ନିର୍ଦ୍ଧାରଣ କରିବାର ଅଧିକାରୀ ଅଟେ । ଯେଉଁଠାରେ କୌଣସି ଅପରାଧର ସଂଜ୍ଞାନ ନେବାର ଏକ ସାଧାରଣ କ୍ଷମତା ନ୍ୟାୟାଳୟଠାରେ ନିହିତ ଥାଏ, ସେହି କ୍ଷମତାର ପ୍ରୟୋଗ ଉପରେ ଆଇନର କୌଣସି ବ୍ୟବସ୍ଥା ଦ୍ୱାରା କୌଣସି ନିଷେଧ, ନିଷେଧର ସର୍ତ୍ତାବଳୀ ମଧ୍ୟରେ ସୀମିତ ରହିବା ଆବଶ୍ୟକ । ଅଧିନିୟମର ଧାରା 6(1) ରେ ଥିବା ଶବ୍ଦଗୁଡ଼ିକ ଯଥେଷ୍ଟ ସ୍ପଷ୍ଟ ଏବଂ ଏହାକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ । ଧାରା 6(1) ର ଖଣ୍ଡ (c) ରେ ଥିବା "ତାଙ୍କୁ ତାଙ୍କ ପଦରୁ ହଟାଇବା ପାଇଁ ସମର୍ଥ କର୍ତ୍ତୃପକ୍ଷଙ୍କର" ଶବ୍ଦପୁଞ୍ଜ ଅଧିକ ଗୁରୁତ୍ୱପୂର୍ଣ୍ଣ ଅଟନ୍ତି । ଜଣେ ସରକାରୀ କର୍ମଚାରୀ ଯିଏ  ଆଉ ସରକାରୀ କର୍ମଚାରୀ ନାହାଁନ୍ତି, ସେ ସମର୍ଥ କର୍ତ୍ତୃପକ୍ଷଙ୍କ ଦ୍ୱାରା କୌଣସି ପଦରୁ ହଟାଯାଇପାରିବେ ନାହିଁ । ଏହି ଉପସଂହାର ଅନିବାର୍ଯ୍ୟ ଯେ ଯେଉଁ ସମୟରେ ଏକ ନ୍ୟାୟାଳୟକୁ ସଂଜ୍ଞାନ ଗ୍ରହଣ କରିବାକୁ କୁହାଯାଇଥାଏ, କେବଳ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଏହି ଅପରାଧ ସଂଘଟିତ ହୋଇଥିବ ତାହା ନୁହେଁ କିନ୍ତୁ ଧାରା 6 ର ବ୍ୟବସ୍ଥା ଲାଗୁ ହୋଇପାରିବା ପୂର୍ବରୁ ଅଭିଯୁକ୍ତ ବ୍ୟକ୍ତି ଏକ ସମର୍ଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ତାଙ୍କ ପଦରୁ ଅପସାରଣଯୋଗ୍ୟ ଜଣେ ସରକାରୀ କର୍ମଚାରୀ ହୋଇଥିବା ନିହାତି ଆବଶ୍ୟକ" ।

ସେହିଭଳି, *ବୀରସ୍ୱାମୀ ବନାମ ଭାରତ ସଂଘ ଏବଂ ଅନ୍ୟମାନେ,* [1991] 3 ଏସ ସି ସି 655 ମାମଲାରେ ସମ୍ବିଧାନ ଖଣ୍ଡପୀଠ, ସେହି ଦୁର୍ନୀତି ନିବାରଣ ଅଧିନିୟମ, 1947 ର ଧାରା  6  ର ବ୍ୟବସ୍ଥାଗୁଡ଼ିକର ଅର୍ଥକୁ ବ୍ୟାଖ୍ୟା କରି କହିଛନ୍ତି ଯେ ସେହି ମାମଲାରେ ଆବେଦନକାରୀଙ୍କ ବିରୋଧରେ ମକଦ୍ଦମା ଚଳାଇବା ପାଇଁ ଉକ୍ତ ଅଧିନିୟମର ଧାରା  6 ଅଧୀନରେ କୌଣସି ମଞ୍ଜୁରୀ ଆବଶ୍ୟକ ନଥିଲା କାରଣ ସେ ଅବସର ବୟସ ହାସଲ କରିବା ପରେ ସେବାରୁ ଅବସର ନେଇଥିଲେ ଏବଂ ଅଭିଯୋଗ ଫର୍ଦ୍ଦ ଦାଖଲ କରିବା ତାରିଖରେ ଜଣେ ସରକାରୀ କର୍ମଚାରୀ ନଥିଲେ ।

7.  ତେବେ, ଏହା ଯୁକ୍ତି କରାଯାଇଥିଲା ଯେ *ଆର୍. ଏସ୍. ନାୟକ ବନାମ  ଏ. ଆର୍. ଅନ୍ତୁଲେ* (ପୂର୍ବୋକ୍ତ) ମାମଲାରେ ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ମାମଲା ଚଳାଇବାକୁ ମଞ୍ଜୁରୀ  ଦେଇଥିବା ବେଳେ ସେ ଏମ.ଏଲ.ଏ. ଭାବେ କାର୍ଯ୍ୟରତ ଥିଲେ, ଜଣେ ସରକାରୀ କର୍ମଚାରୀ ଭାବେ ଜଣେ ଏମ.ଏଲ.ଏ. ଙ୍କ ବିରୋଧରେ ମାମଲା ଚଳାଇବା ପାଇଁ ମଞ୍ଜୁରୀ  ଆବଶ୍ୟକ ଥିଲା କି ବୋଲି ପ୍ରଶ୍ନ ଉଠିନଥିଲା । ତେଣୁ ଏହା ଯୁକ୍ତି କରାଯାଇଥିଲା ଯେ ଯଦିଓ ଆରୋପିତ ଅପରାଧ ଆବେଦନକାରୀଙ୍କ ମନ୍ତ୍ରୀ ଭାବରେ କାର୍ଯ୍ୟକାଳ ଅବଧିରେ ସଂଘଟିତ ହୋଇଥିଲା, ଆବେଦନକାରୀମାନେ ଏମ.ଏଲ.ଏ. ଭାବରେ କାର୍ଯ୍ୟରତ ଥିଲେ ଏବଂ ତେଣୁ ମକଦ୍ଦମା ଆରମ୍ଭ ହେବା ଦିନ ସରକାରୀ କର୍ମଚାରୀ ଭାବରେ କାର୍ଯ୍ୟରତ ଥିଲେ ଏବଂ ସୁତରାଂ ସମ୍ବିଧାନର ଅନୁଚ୍ଛେଦ 192 ଅଧୀନରେ ରାଜ୍ୟପାଳଙ୍କ ମଞ୍ଜୁରୀର ଆବଶ୍ୟକତା ଥିଲା । ଏହି ପ୍ରଶ୍ନର ଉତ୍ତର *ଆର୍. ଏସ୍. ନାୟକ ବନାମ ଏ. ଆର୍. ଅନ୍ତୁଲେ* (ପୂର୍ବୋକ୍ତ) ରେ ମଧ୍ୟ ଦିଆଯାଇଛି । *(ଏସ୍.ପି.ଇ. ହାଇଦ୍ରାବାଦ) ରାଜ୍ୟ ବନାମ ଏୟାର କମୋଡୋର କୈଳାସ ଚାନ୍ଦ,* [1980] 2 ଏସ ସି ଆର 697 ମାମଲାରେ ଏହି ନ୍ୟାୟାଳୟର ନିର୍ଣ୍ଣୟକୁ ଉଲ୍ଲେଖ କରି, ଏହି ନ୍ୟାୟାଳୟ:

> "………ତେବେ ସେ ଯାହା ହେଉ, ଆମ୍ଭେ ଏହା ସ୍ପଷ୍ଟ କରିବାକୁ ଚାହୁଁ ଯେ ଯଦି ଏହି ନିଷ୍ପତ୍ତିଦ୍ୱୟ ଦର୍ଶାନ୍ତି ଯେ ଯଦିଓ ଜଣେ ସରକାରୀ କର୍ମଚାରୀ ସେହି ପଦରେ ସରକାରୀ କର୍ମଚାରୀ ଭାବରେ ଆଉ କାର୍ଯ୍ୟରତ ନାହାଁନ୍ତି, ଯେଉଁ ପଦର ସେ ଦୁର୍ନୀତିପୂର୍ଣ୍ଣ ଉଦ୍ଦେଶ୍ୟରେ ଅପବ୍ୟବହାର କିମ୍ବା ଦୁରୁପଯୋଗ କରିଥିବାର ଧାରଣା କରାଯାଇଛି, କିନ୍ତୁ ଆରୋପିତ ଏକ ଅପରାଧର ସଂଜ୍ଞାନ ଗ୍ରହଣ କରିବା ଦିନ ଯାହା ସେ ଜଣେ ସରକାରୀ କର୍ମଚାରୀ ପଦରେ ଥିବାବେଳେ ଘଟାଇଥିଲେ, ଯେଉଁ ପଦରୁ ସେ ବିରତ ହୋଇସାରିଛନ୍ତି ଏବଂ ଏକ ସମ୍ପୂର୍ଣ୍ଣ ଭିନ୍ନ ସରକାରୀ ପଦ

ଧାରଣ କରିଛନ୍ତି, ଯାହାର ସେ ଦୁର୍ନୀତିପୂର୍ଣ୍ଣ ଉଦ୍ଦେଶ୍ୟରେ ଅପବ୍ୟବହାର କିମ୍ବା ଦୁରୁପଯୋଗ କରିଥିବାର ଆରୋପିତ ହୋଇନାହାଁନ୍ତି, ତଥାପି ଯେଉଁ ପଦର ସେ ଅପବ୍ୟବହାର କିମ୍ବା ଦୁରୁପଯୋଗ କରିଥିବାର ଆରୋପରେ ଆରୋପିତ ହୋଇଛନ୍ତି ଏବଂ ଯେଉଁଥିରେ ସେ ଆଉ ସ୍ଥିତ ନାହାଁନ୍ତି, ଉକ୍ତ ପଦ ଧାରଣ କରିବା ସମୟରେ ସରକାରୀ କର୍ମଚାରୀଙ୍କ ଦ୍ୱାରା କରାଯାଇଥିବା ଅପରାଧ ସଂଜ୍ଞାନକୁ ନେବା ପୂର୍ବରୁ, ତାଙ୍କୁ ଏପରି ପରବର୍ତ୍ତୀ ପଦରୁ ହଟାଇବା ପାଇଁ ସମର୍ଥ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ଆବଶ୍ୟକ ହେବ, ଏହି ନିଷ୍ପତ୍ତିଗୁଡ଼ିକ ଆମ୍ଭ ମତରେ, ସଠିକ୍ ଆଇନ ଧାର୍ଯ୍ୟ କରୁନାହାଁନ୍ତି ଏବଂ ଧାରାରେ ସଠିକ୍ ବ୍ୟାଖ୍ୟା କରୁଛନ୍ତି ବୋଲି ଗ୍ରହଣ କରାଯାଇପାରିବ ନାହିଁ ।

ତେଣୁ, ଧାରା 6 ର ଏକ ପ୍ରକୃତ ଗଠନରେ, ଯେଉଁଥିରେ ଏହା ନିହିତ ଅଛି ଯେ କେବଳ ସେହି ସମର୍ଥ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ଆବଶ୍ୟକ ହେବ ଯିଏ ସରକାରୀ କର୍ମଚାରୀଙ୍କୁ ପଦରୁ ହଟାଇବା ପାଇଁ ସମର୍ଥ ଯେଉଁ ପଦର ସେ ଦୁର୍ନୀତି ଉଦ୍ଦେଶ୍ୟରେ ଅପବ୍ୟବହାର କିମ୍ବା ଦୁରୁପଯୋଗ କରିଥିବାର ଆରୋପରେ ଆରୋପିତ ଏବଂ ଯେଉଁଥିପାଇଁ ତାଙ୍କ ବିରୋଧରେ ଏକ ମକଦ୍ଦମା ଆରମ୍ଭ କରିବାର ଉଦ୍ଦେଶ୍ୟ ରହିଛି ।

ତେଣୁ, *ଆର୍. ଏସ୍. ନାୟକ ବନାମ ଏ. ଆର୍. ଅନ୍ତୁଲେ,* (ପୂର୍ବୋକ୍ତ) ରେ ନିର୍ଦ୍ଧାରିତ ଆଇନର ଉପରୋକ୍ତ ପ୍ରସ୍ତାବକୁ ଦୃଷ୍ଟିରେ ରଖି, ଅଧିନିୟମର ଧାରା 2(c)(viii) ର ଅର୍ଥ ଅନୁସାରେ ବିଧାୟକ ଜଣେ ସରକାରୀ କର୍ମଚାରୀ ବୋଲି ଧରିନେଲେ, ଏହି ଯୁକ୍ତି ମଧ୍ୟ କୌଣସି ବିଚାରର ଯୋଗ୍ୟ ନୁହେଁ ।

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି ଆବେଦନଗୁଡ଼ିକୁ ଖାରଜ କରାଯାଉଛି ।

ଏ. ଜି.

ଆବେଦନଗୁଡ଼ିକ ଖାରଜ ହୋଇଛନ୍ତି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମୋକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଂଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା : ଶ୍ରୀମତୀ ଜୟା ମୁଖାର୍ଜୀ,**
**ଓଡିଶା ଉଚ୍ଚ ନ୍ୟାୟାଳୟ, କଟକ**